# ପିଲାଙ୍କ ଧରିତ୍ରୀ

ଶନିବାର, ୦୫ ଅକ୍ଟୋବର, ୨୦୧୯



ଆସ ଜାଣିବା ୭

କବିତା ୬

# ଦେଖି ପାଳିବି ଦଶହରା

ଗପ

**ଦ**ଶହରା ପାଇଁ ସ୍କୁଲ୍, ଟିଉସନ୍ ସବୁ ଛୁଟି । ଏଥିପାଇଁ ନନ୍ଦୁ ଓ ଗୁଗୁର ମନ ଭାରି ଖୁସି । ଏଥର ଛୁଟିରେ ଦୁହେଁ ସାଙ୍ଗ ହୋଇ ମେଢ ବୁଲିବେ ଆଉ ସହରରୁ ଭଳିକି ଭଳି ଖେଳଣା ଆଣିବେ, ସେଥିପାଇଁ ଦୁହିଙ୍କ ପାଦ ତଳେ ଲାଗୁ ନ ଥାଏ । ହେଲେ ସବୁଥର ପରି ଏଥର ଦଶହରାରେ ମଧ୍ୟ ନନ୍ଦୁ ତା' ଜନ୍ମ ଦିନ ପାଳିବ । ସେଥିପାଇଁ ନନ୍ଦୁ ବାପାଙ୍କର ଭାରି ଚିନ୍ତା । କାରଣ ଏଥର ଦୁଇମାସ ହେଲା କମ୍ପାନୀ ଦରମା ଦେବା ବନ୍ଦ କରିଦେଇଛି । ଏଣୁ ଘରେ ଦଶହରା ପାଳିବା ପାଇଁ ନନ୍ଦୁ ବାପାଙ୍କ ପାଖେ ଟଙ୍କା ବି ନାହିଁ । ହେଲେ ନନ୍ଦୁ ତ ଭାରି ଜିଦିଆ ପିଲା । ଜନ୍ମ ଦିନରେ ନୂଆ ଡ୍ରେସ୍ ନ ହେଲେ ସେ ଘରେ କାହାକୁ ବି ରଖେଇ ବସେଇ ଦବନି । ତା' ଛଡା ନନ୍ଦୁର ସାଙ୍ଗ ଗୁଗୁ ଭାରି ଧନୀ ଘରର ପିଲା । ଏତେବଡ ପର୍ବରେ ସେ ତ ନିଶ୍ଚେ ନୂଆ ଡ୍ରେସ୍ ପିନ୍ଧିବ । ଆଉ ଗୁଗୁକୁ ଦେଖି ନନ୍ଦୁ ବି କୋଉ ବୁଝିବା ପିଲା ଯେ ବୁଝିଯିବ । ବରଂ ଡ୍ରେସ୍ ଖଣ୍ଡେ ନହେଲେ କାନ୍ଦରେ ସେ ସାରା ଘର ଫଟେଇବାଟା ଥୟ ।

ଏକଥା ଭାବି ନନ୍ଦୁର ବାପା ନନ୍ଦୁ ମାଆ ସହ ଏ ବାବଦରେ କଥା ହେଉଥାନ୍ତି । ଏଣେ, ନନ୍ଦୁ ଝରକା ପଛପଟେ ଲୁଚି ସବୁ କଥା ଶୁଣୁଥାଏ । ବାପାଙ୍କ ପାଖେ ପଇସା ନାହିଁ କଥା ଶୁଣି ନନ୍ଦୁର ମନ ଶୁଖିଗଲା । ଏଥର ନନ୍ଦୁ ମନେ ମନେ ନିଷ୍ପତ୍ତି ନେଲା, ଏଇ ଦଶହରାରେ ସେ ନୂଆ ଡ୍ରେସ୍ ପାଇଁ ଘରେ ଜିଦ୍ କରିବନି କି ଗୁଗୁ ସହ ସହର ଯାଇ ଖେଳନା ବି କିଣିବନି । ବରଂ ଏଥର ମାଆଙ୍କ ସହ ସେ ପୂଜାପୂଜିରେ ସହଯୋଗ କରିବ । ମା'ଙ୍କ ଦଶହରା ପୂଜା ପାଇଁ ଭଳିକି ଭଳି ଫୁଲ ଫଳ ଆଣିଦେବ । ଜନ୍ମଦିନରେ ସେ ଓ ଗୁଗୁ ମିଶି ମାଆଙ୍କ ହାତ ତିଆରି ଖିରି କାକରା ଖାଇବେ । ଏଣୁ, ନନ୍ଦୁ ନିଜର ଏହି ନିଷ୍ପତ୍ତିକୁ ତା' ସାଙ୍ଗ ଗୁଗୁକୁ ଜଣାଇଦେଲା । ଗୁଗୁ ବି ନନ୍ଦୁ କଥାରେ ରାଜି ହୋଇଗଲା ଏବଂ ତା ସାଙ୍ଗ ନନ୍ଦୁ ଏଥର ଦଶହରାରେ ନୂଆଡ୍ରେସ୍ ପିନ୍ଧୁ ନ ଥିବାରୁ ସେ ବି ନୂଆ ଡ୍ରେସ୍ କିଣିବନି ବୋଲି କହିଲା । ଏହାପରେ ନନ୍ଦୁ ଓ ଗୁଗୁ ଦୁହେଁ ମିଶି ନନ୍ଦୁର ବାପା ମାଆଙ୍କୁ ଏହି ନିଷ୍ପତ୍ତି ଶୁଣାଇଲେ ।

ପିଲାଙ୍କ ମୁହଁରୁ ଏହିକଥା ଶୁଣି ନନ୍ଦୁର ବାପାମାଆ ଖୁବ୍ ଚକିତ ହୋଇଗଲେ । ଭାବିଲେ କଥାକଥାରେ ଯେଉଁ ନନ୍ଦୁ ଜିଦ୍ ଧରି ତାଙ୍କ ଝାଙ୍କ ଛଡେଇ ଦେଉଥିଲା ଓ ଜାନିଯାତ୍ରାରେ ନୂଆଡ୍ରେସ୍ ନ ହେଲେ ଜିଦ୍ ଧରି କାନ୍ଦରେ ଘର ଫଟଉଥିଲା, ସେ କେମିତି ଦଶହରା ଓ ଜନ୍ମ ଦିନରେ ନୂଆଡ୍ରେସ୍ ପିନ୍ଧିବା ଓ ସହରକୁ ମେଢ ବୁଲିଯିବା ପାଇଁ ମନାକରୁଛି । ହଠାତ୍ ନନ୍ଦୁ ବାପାମାଆଙ୍କ ମନରେ ଏ କଥାଟା ହଜମ ହେଲା ନାହିଁ । ଏଣୁ ନନ୍ଦୁର ମାଆ ଗୁଗୁ ଓ ନନ୍ଦୁକୁ ସେମାନଙ୍କର ଏହି ନିଷ୍ପତ୍ତି ପଛର କାରଣ ପଚାରିଲେ । ଏହା ଶୁଣି ନନ୍ଦୁ ଦୌଡି ଆସି ତା ବାପାଙ୍କୁ ଜୋରରେ ଜାବୁଡି ଧରିଲା ଓ ନିଜର କୋମଳ କଣ୍ଠରେ କହିଲା, ବାପା ତୁମ ପାଖରେ ପଇସା



ନାହିଁ, ତା ହେଲେ ଆମେ ସହରରୁ ନୂଆଡ୍ରେସ୍ ଓ ଖେଳନା କେମିତି କିଣିବା । ତୁମକୁ କମ୍ପାନୀ ପଇସା ଦେଲା ପରେ ଆମେ ଆର ଦଶହରାକୁ ସହର ଯିବା, ସାଙ୍ଗ ହୋଇ ନୂଆ ଡ୍ରେସ୍ ଓ ଖେଳନା ଆଣିବା ।

ନନ୍ଦୁଠାରୁ ଏକଥା ଶୁଣି ନନ୍ଦୁର ବାପା ମାଆଙ୍କ ଛାତି କୁଣ୍ଢେମୋଟ ହୋଇଗଲା ଏବଂ ପିଲାଙ୍କ ପ୍ରତି ଥିବା ସେମାନଙ୍କର ଭୁଲ୍ ଧାରଣା ହଠାତ୍ ବଦଳିଗଲା । ନନ୍ଦୁ ଓ ଗୁଗୁକୁ ଦୁହେଁ ପାଖକୁ ଡାକି କୋଳେଇନେଲେ । ନନ୍ଦୁର ମାଆ ବହୁଦିନ ଧରି ସାଇତି ରଖିଥିବା କୁମ୍ପିଟିଏ ନନ୍ଦୁ ବାପାଙ୍କ ହାତକୁ ବଢେଇଦେଲେ ଓ ସେହି ପଇସାରେ ନନ୍ଦୁ ଓ ଗୁଗୁଙ୍କ ପାଇଁ ନୂଆ ଡ୍ରେସ୍ ଆଣିବାକୁ କହିଲେ । ନନ୍ଦୁର ବାପା ଏଥର ପିଲାଙ୍କ ପାଇଁ ନୂଆଡ୍ରେସ୍ ଆଣିବାକୁ ସହର ବାହାରିଗଲେ । ସବୁ ଦଶହରା ପରି ଏ ଦଶହରାରେ ବି ନୂଆଡ୍ରେସ୍ ପିନ୍ଧିବେ ବୋଲି ଗୁଗୁ ଓ ନନ୍ଦୁ ଦୁହେଁ ଭାରି ଖୁସି ହେଲେ ।

–**ଶିବରାମ ମହାପାତ୍ର,** ମହିତମା, ନୟାଗଡ

## ବିନ୍ଦୁ ଯୋଡ



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**

dharitrifeature@gmail.com

## ମତାମତ

✷ସମାଜକୁ ଯୋଡ଼ିବାରେ, ଶୃଙ୍ଖଳିତ କରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । 'ଗାନ୍ଧିଜୀ ଓ ଶିକ୍ଷକତା' ଗପରୁ ଏହା ଜାଣିବାକୁ ମିଳିଲା ।

– **ପ୍ରଶାନ୍ତ କୁମାର ରାଉଳ,** ଜଳେଶ୍ୱର, ବାଲେଶ୍ୱର

✷ତୁମ ତୂଳୀରୁ ପୃଷ୍ଠାରେ ପ୍ରକାଶ ପାଇଥିବା ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା । କୁନି କୁନି ପିଲାମାନେ ଗାନ୍ଧୀଙ୍କ ଚିତ୍ରକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରିପାରିଥିଲେ ।

– **ମନୀଷା, ତିତିଷା,** ଗୋହିରା, ଆନନ୍ଦପୁର

✷ପୃଷ୍ଠା ୬ ରେ ପ୍ରକାଶ ପାଇଥିବା ସମସ୍ତ କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା ।

– **ଦିବ୍ୟାଂଶୁ ମହାପାତ୍ର,** ପାଟଣାଗଡ,ବଲାଙ୍ଗୀର

✷ଆଇନାରେ ପ୍ରକାଶ ପାଉଥିବା ପିଲାଙ୍କ ଫଟୋଗୁଡିକ ଖୁବ୍ ସୁନ୍ଦର ଲାଗୁଛି । ଚଗଲା ଭୀମୁ ପଢି ଖୁବ୍ ହସିଲି ।

– **ପ୍ରମୋଦ କୁମାର ବାରିକ୍,** ପଲ୍ଲାହାଟ, ଖୋର୍ଦ୍ଧା

## ଖିଲିଖିଲି ହସ

ଦିନେ ରାମୁ ଜଲ୍ଦି ଖାଇ ସାରି ରାତି ୮ରେ ଶୋଇପଡିଲା । ଏହାଦେଖି ଘରଲୋକ ରାମୁକୁ ହସ୍ପିଟାଲ୍ ନେଇଗଲେ । ଡାକ୍ତରଙ୍କୁ କହିଲେ– ଆମ ପୁଅ ତ ରାତି ଦୁଇଟା ପର୍ଯ୍ୟନ୍ତ ଶୁଏନି ଆଜି ତା'ର କ'ଣ ହୋଇଛି ଡାକ୍ତରବାବୁ ଦେଖିଲେ ।

ଡାକ୍ତରବାବୁ : ଆଜି ଦିନ ଭିତରେ ଏମିତି କିଛି ଘଟଣା ଘଟିଥିଲା କି ?

ରାମୁ ବାପା: ସାର୍ ଆଜି ସକାଳଠୁ ନେଟ୍(ଇଣ୍ଟରନେଟ୍) ନାହିଁ ।

(ଟିକୁ ଓ ମିକୁ ମଧ୍ୟରେ କଥାବାର୍ତ୍ତା)

ଟିକୁ: ମିକୁ, ମୋର ଗୋଟେ ପ୍ରଶ୍ନର ଉତ୍ତର ଦେଲୁ ।

ମିକୁ: ହଁ, ପଚାରୁନୁ ?

ଟିକୁ: ଝିଟିପିଟି କେମିତି କାନ୍ଥରେ ଚାଲେ ?

ମିକୁ: ଏହି ପ୍ରଶ୍ନ ମୋତେ ନ ପଚାରି ଝିଟିପିଟିକୁ ପଚାରେ !

ପରିବାବାଲାର ପାଟିଶୁଣି ଘରୁ ଦୌଡି ଆସିଲା ଗୋଲୁ । ଅଙ୍କଲ: ତୁମ ପାଖରେ କଲରା ଓ ବାଇଗଣ ଅଛି କି ?

ପରିବାବାଲା: ନା

ଗୋଲୁ: ତେବେ ଅପେକ୍ଷା କର, ମାମା ଆସୁଛନ୍ତି ପନିପରିବା କିଣିବେ ।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

## ଚଗଲା ଭୀମୁ



# ପିଲାଦିନର ସ୍ମୃତି ଦୁର୍ଗାପୂଜା



ଶରତ ଋତୁର ଆଗମନରେ ଧରାପୃଷ୍ଠକୁ ବିରାଜମାନ କରନ୍ତି ମହିଷମର୍ଦ୍ଦିନୀ ମା' ଦୁର୍ଗା। ପ୍ରତିବର୍ଷ ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ବେଶ ଆଡମ୍ବର ସହ ପୂଜାର୍ଚ୍ଚନା କରାଯାଏ। ଏଥିସହ ଯୋଡି ହୋଇଯାଏ ଅନେକ ସ୍ମୃତି ଆଉ ଅନୁଭୂତି। ତେବେ ନିଜ ପିଲାବେଳର ଦୁର୍ଗାପୂଜା ସ୍ମୃତିକୁ ନେଇ ଯାହା କୁହନ୍ତି ଏମାନେ...





## ସେ ମଜା ଆଜି କେବଳ ସ୍ମୃତି ହୋଇ ରହିଯାଇଛି



ପିଲାଦିନ ଦଶହରା କଥା ମନେପଡିଲେ ଏବେ ଲାଗେ ଆହା ସେ ଦିନ ସବୁ କେତେ ନିଆରା ଥିଲା। ସେ ମଜା ଆଜି କେବଳ ସ୍ମୃତି ହୋଇ ରହିଗଲା। ମୁଁ ଯେତେବେଳେ ସପ୍ତମ ଅଷ୍ଟମ ଶ୍ରେଣୀରେ ପଢୁଥିଲି ଦୁର୍ଗାପୂଜା ଛୁଟି ସମୟରେ ବାପା, ମା'ଙ୍କ ସହ ଆମେ ସବୁ ଭାଇ ଭଉଣୀ କଟକ ପୁରୀ ଘାଟରେ ଥିବା ଆମର ଜଣେ ସମ୍ପର୍କୀୟଙ୍କ ଘରକୁ ଚାଲିଆସୁଥିଲୁ। ଚାରି ଦିନ ଧରି ରିକ୍ସାରେ ବସି କଟକର ବିଭିନ୍ନ ଗଳିକନ୍ଦି ବୁଲି ଦୁର୍ଗାପୂଜା ମେଢ ଦେଖୁଥିଲୁ। ପ୍ରବଳ ଗହଳି ଭିତରେ କାନଫଟା ଗୀତ ବାଜାର ଶବ୍ଦ ଭିତରେ ବୁଲି ବାଦାମ, ଚନାଚୁରକୁ ପାଟିରେ ପକେଇ ପକେଇ ଘଣ୍ଟା ଘଣ୍ଟା ଧରି ବୁଲିବାରେ ଥାଏ ପରମ ଆନନ୍ଦ। ଆଉ ଟିକିଏ ସନ୍ଧ୍ୟା ହେଲେ ସାଙ୍ଗମାନଙ୍କ ସହ ବରା ଘୁଗୁନି, ଆଳୁଦମ୍ ଦହିବରା, ଚାଟ୍ ଖାଇବା ସହ ବସିଯାଉ ମେଲୋଡି ଦେଖିବାକୁ। ଗୀତ ବାଜା ଭିତରେ ହଜିଯାଉ ରାତି ୧୧ ଟା ୧୨ ଟା ଯାଏଁ। ବେଳେବେଳେ ମନେହୁଏ ମୁଁ ବି ଏମିତି କେବେ ମେଲୋଡିରେ ଗା'ନ୍ତି କି? ଏମିତି ଭିତରେ ସରିଆସେ ଦଶହରା। ଭସାଣି ଦିନ ଘର ଛାତ ଉପରେ ବସିଯାଉ ଆମ ଘର ଦେଇ ଯାଉଥିବା ଗୋଟିଏ ପରେ ଗୋଟିଏ ପ୍ରସେଶନ ଦେଖିବାକୁ। ଗଭୀର ଦୁଃଖରେ ମା'ଙ୍କୁ ମେଲାଣି ଦେଇ ପୁଣି ଅପେକ୍ଷା କରୁ ଆର ବର୍ଷ ଦଶହରାକୁ।

**–ଗୀତା ଦାଶ, କଣ୍ଠଶିଳ୍ପୀ**

## ମେଢ ଦେଖିବାର ନିଆରା ଅନୁଭୂତି କେବଳ ଅଙ୍ଗେ ନିଭେଇଥିବା ଲୋକ ହିଁ ଜାଣିପାରିବ



ପିଲାବେଳେ ଦୁର୍ଗାପୂଜାର ମଜା କିଛି ଅଲଗା ଥିଲା। ସ୍କୁଲ ଛୁଟି। ତା' ସହ ସାଙ୍ଗମାନଙ୍କ ସହ ମେଢ ଦେଖିବାର ନିଆରା ଅନୁଭୂତି କେବଳ ଅଙ୍ଗେ ନିଭେଇଥିବା ଲୋକ ହିଁ ଜାଣିପାରିବ। ପିଲାବେଳେ ଆମର ଛଅ ଜଣିଆ ଗୋଟିଏ ଗ୍ରୁପ ଥିଲା। ସେହି ଗ୍ରୁପର ଲିଡର ଥାଏ ମୁଁ। ପୂଜା ଆସିଲାମାନେ ଆମେ ସବୁ ଯୋଜନା କରିଦେଇଥାଉ କିଭଳି ଭାବେ ବୁଲିବୁ, କ'ଣ କ'ଣ ସବୁ ଖାଇବୁ। ଆଉ ସମସ୍ତଙ୍କୁ ବୁଲେଇ ମେଢ ଦେଖେଇବାର ଦାୟିତ୍ୱ ଥାଏ ମୋ ଉପରେ। ସେତେବେଳେ ପ୍ରାୟ ଆମେ ଚାଲିଚାଲି ବୁଲୁଥିଲୁ। ଯେତେ ଗହଳି ଥିଲେ ବି ଭିଡକୁ ଠେଲିଠାଲି ଆଗରେ ଯାଇ ପହଁଚି ଯାଉଥିଲୁ ମା'ଙ୍କୁ ଦର୍ଶନ କରିବା ଲାଗି। ବୁଲିବା ଭିତରେ ଗୁପଚୁପ, ଚାଟ, ଦହିବରା, ଆଳୁଦମ ଖିଆ ବି ଚାଲୁଥିଲା। ସେତେବେଳେ ଶହୀଦନଗରଠାରେ ସବୁଠାରୁ ବଡ ମେଢ ହେଉଥିଲା ଆଉ ତା' ସହ ରାବଣପୋଡି। ପରିବାରର ଯେହେତୁ ମୁଁ ଗେହ୍ଲା ଥିଲି, ତେଣୁ ବାପା ମୋ ପାଇଁ ଏହି ଅବସରରେ ସପ୍ତମୀ, ଅଷ୍ଟମୀ, ନବମୀ, ଦଶମୀ ପାଇଁ ଚାରି ହଳ ନୂଆ ଡ୍ରେସ କରିଦେଉଥିଲେ। ଆଉ ଗୋଟିଏ ମଜା କଥା ହେଲା, ଏହି ସମୟରେ ଆମେ ସାଙ୍ଗମାନେ ମିଶି ଛୋଟ କାଠ ଚୁଲିରେ ପିଠା ମଧ୍ୟ ପ୍ରସ୍ତୁତ କରୁଥିଲୁ। ଘରୁ ଅଟା,ଚିନି ଆଦି ଲୁଚେଇ ନେଇଆସି ଆମ ଖେଳନା ଗିନା ଥାଳିଆ ବ୍ୟବହାର କରି ଚକୁଳି ବନଉଥିଲୁ। ଏମିତିରେ ଦଶହରା ଛୁଟି ସରିଯାଏ ପୁଣି ଅପେକ୍ଷା ରହେ ଆର ବର୍ଷକୁ।

**–ପ୍ରତିଭା ପଣ୍ଡା, ଓଡିଶୀ ନୃତ୍ୟ ଶିଳ୍ପୀ**

## ସେତେବେଳେ ଥିଲା ଭାଇଚାରା ସମ୍ପର୍କ



ଓଡିଶାର ଜଗନ୍ନାଥ ସଂସ୍କୃତିରେ ରହିଛି ୧୨ ମାସରେ ୧୩ ପର୍ବ। ଏଥିମଧ୍ୟରୁ ଦଶହରା ପର୍ବ ନିଆରା। ଏହି ପର୍ବ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ବଣ୍ଟାଯାଏ ଭାଇଚାରା ଓ ବନ୍ଧୁତ୍ୱର ମଧୁର ସମ୍ପର୍କ। ପୁରପଲ୍ଲୀରୁ ଆରମ୍ଭ କରି ସହର ବଜାର ପର୍ଯ୍ୟନ୍ତ ସବୁଆଡେ ଧୁମ୍‌ଧାମ୍‌ରେ ପାଳନ କରାଯାଏ ଏହି ପର୍ବ। ଆମ ସମୟରେ ଆଧ୍ୟାତ୍ମିକ ଭାବ ଓ ଚେତନା ପୂରି ରହୁଥିଲା। ସ୍ନେହ, ଶ୍ରଦ୍ଧା, ଗୁରୁଜନଙ୍କୁ ଭକ୍ତି ଏବଂ ଛୋଟ ପିଲାମାନଙ୍କୁ ଆଦର ଥିଲା। ପ୍ରତ୍ୟେକ ଭାରତୀୟ ଯିଏ ଯେଉଁଠି ରହୁନା କାହିଁକି ଦୂରଦୂରାନ୍ତରୁ ଜନ୍ମମାଟିକୁ ଫେରିଆସି ଭାଇବନ୍ଧୁ କୁଟୁମ୍ବଙ୍କ ସହ ମିଶି ମା'ଙ୍କ ଆରାଧନା କରୁଥିଲେ। ଘରେ ଘରେ ପିଠାପଣା ମିଠା ନିଜେ ଖାଇବା ସହ ସାହି ପଡିଶାଙ୍କୁ ବାଣ୍ଟି ବନ୍ଧୁତ୍ୱର ନିବିଡ ବନ୍ଧନରେ ଆବଦ୍ଧ କରି ରଖୁଥିଲେ। ପାଇକପୁଅମାନେ ବାଡି ଖେଳ ଓ ଖଣ୍ଡା ବୁଲାଇ ଆଖଡା କରି ଏହି ଦିନଟିକୁ ଆରମ୍ଭ କରୁଥିଲେ।

**– ଅଲେଖ ପ୍ରସାଦ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**

## ପିଲାଦିନର ଭକ୍ତିଭାବ ଅବର୍ଣ୍ଣନୀୟ



ଦଶହରା ଆସିଲେ ଭାରି ମଜା ହୁଏ। ଆମ ପିଲାବେଳେ ଯାତ୍ରା ଦେଖିଗଲେ ବେଲୁନ୍,କଣ୍ଢେଇ କିଣୁ। ମାତ୍ର ଆଜିକାଲି ପରି ଆଳୁଦମ୍, ଦହିବରା,ଗୁପ୍‌ଚୁପ୍, ଚାର୍ଟ ମିଳୁ ନ ଥିଲା। ଆମେ କେବଳ ମାଆଙ୍କୁ ଦେଖୁ। ମନରେ ଖେଳରେ ଖେଳରେ ଭକ୍ତି ଭାବ ରହୁଥିଲା। ଶ୍ରଦ୍ଧା ଓ ବିଶ୍ୱାସ ବଢୁଥିଲା। ସେ ଖୁସି, ଆନନ୍ଦ ଅବର୍ଣ୍ଣନୀୟ। ଘରେ ବୋଉ ଦୁର୍ଗାଙ୍କ ବିଷୟରେ ଗପ କୁହନ୍ତି। ସେତେବେଳେ ଆମେ ମାଆଙ୍କୁ ଦେଖି ମନରେ ଯେଉଁ ଭକ୍ତି ଭାବ ଆସୁଥିଲା ତାହା ଅବର୍ଣ୍ଣନୀୟ। ଏବେକାର ପିଲାମାନେ ଚାର୍ଟ, ଗୁପ୍‌ଚୁପ୍ ଖାଉଛନ୍ତି। ମାତ୍ର ଦୁର୍ଗାପୂଜାର ସୁନ୍ଦର ସୁବାସିତ ସକାଳର ମହମହ ବାସ୍ନା, ଦୁର୍ଗାଙ୍କ ଦର୍ଶନର ଶ୍ରଦ୍ଧା ଓ ଭକ୍ତି ସହିତ ବିଶ୍ୱାସ ପାଇପାରୁନାହାଁନ୍ତି। ଗାଁ ହେଉକି ସହର ପୂଜା ଦିନଗୁଡିକରେ ପିଲାଙ୍କୁ ପବିତ୍ରତା,ଭକ୍ତି ଓ ବିଶ୍ୱାସ ଶିକ୍ଷା ଦେବା ସୁଯୋଗକୁ କେହି ହାତଛଡା କରିବାନି।

**–ପ୍ରତିମାରାଣୀ ମିଶ୍ର(ଷଡଙ୍ଗୀ), ସାହିତ୍ୟିକା**

## ସେ କାଳର ଦୁର୍ଗାପୂଜାର ମଜା କିଛି ଅଲଗା ଥିଲା



ପ୍ରତି ବର୍ଷ ଦୁର୍ଗା ପୂଜା ଆସିଲେ ମୋର କଟକ କଥା ବହୁତ ମନେ ପଡେ। ପିଲା ଦିନଟା ମୋର କଟକରେ କଟିଛି । ଆଉ କଟକ ଦୁର୍ଗା ପୂଜାର ମଜା କିଛି ଅଲଗା। ପିଲାଦିନେ ଦୁର୍ଗା ପୂଜା ଆସିଲେ ଆମେ ସବୁ ଭାଇ ଭଉଣୀ, କାକା, ଖୁଡୀ, ପିଉସା,ପିଉସୀ, ବାପା, ମାଆ, କଟକର ହାଇକୋର୍ଟ ନିକଟରେ ଥିବା କାଳିଗଳି ଘରେ ଏକାଠି ହେଉ। ପୂଜା ଚାରିଦିନ ଜେଜେବାପା ସ୍ୱର୍ଗତ ଦୟା ସାଗର ନନ୍ଦ ନିଷ୍ଠାର ସହ ପୂଜା କରନ୍ତି। ଘରର ସମସ୍ତ ସଦସ୍ୟ ବାରଣ୍ଡାରେ ତଳେ ବସି ଖଲି ପତରରେ ଭୋଗ ଖାଉଥିଲୁ। ପୂଜା ତିନି ଦିନ ସନ୍ଧ୍ୟା ବେଳେ ଆମେ ସବୁ ଭାଇ ଭଉଣୀ ଚାଲି ଚାଲି ବୁଢ଼ୀ ଠାକୁରାଣୀ, କାଜିବଜାର,ବିନୋଦ ବିହାରୀ, ବାଲୁ ବଜାର, ନିମ୍ ଚୌଡି, ଚାନ୍ଦିନୀ ଚୌକ୍‌ରେ ମାଟି ରେ ଗଢା ଯାଇଥିବା ମାଆ ଦୁର୍ଗାଙ୍କ ଦର୍ଶନ କରୁଥିଲୁ। ସେତେବେଳେ ଚାନ୍ଦିନୀ ଚୌକ୍ ରେ ପୂଜା ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ମେଳା ବସୁଥିଲା । ମେଳା ରେ ଆମେ ଭାଇ ଭଉଣୀ ମାନେ ଚକ୍ରି ଦୋଳି ରେ ବସୁଥିଲୁ, ରଙ୍ଗବେରଙ୍ଗର ବେଲୁନ୍ ସହ ଟିକିଲି ବାଣ କିଣୁଥିଲୁ। ମେଳାରେ ବୁଲିଲା ବେଳେ କିଛି ଚଟପଟି କିଣି ମଧ୍ୟ ଖାଉଥିଲୁ। ସବୁଠୁ ବେଶୀ ଖୁସି ଲାଗେ ପୂଜାରେ ଖର୍ଚ୍ଚ କରିବା ପାଇଁ ଆମମାନଙ୍କୁ ବଡମାନେ କିଛି ଟଙ୍କା ଦେଉଥିଲେ। ଭସାଣି ପରଦିନ ଆମେ ପିଲାମାନେ ପରସ୍ପରଠାରୁ ଦୁଃଖରେ ବିଦାୟ ନେଉଥିଲୁ। ମନରେ ଆଶା ରଖି ପୁଣି ଆର ବର୍ଷ ଦୁର୍ଗାପୂଜାରେ ଏକାଠି ହେଇ ଏମିତି ମଜା କରିବା। ଦୁର୍ଗାପୂଜା ପ୍ରତି ବର୍ଷ ଆସୁଛି, ଆସୁଥିବ ମଧ୍ୟ, କିନ୍ତୁ ସେ କାଳର ଦୁର୍ଗାପୂଜାର ମଜା କିଛି ନିଆରା ଥିଲା।


**–ଗୀତିମୟ ନନ୍ଦ, ଚଳଚ୍ଚିତ୍ର ଅଭିନେତା**

## ଶରତ ରାତିର କାକରରେ ଡ୍ରାମା ଦେଖିବାର ମଜା ଥିଲା ନିଆରା



ଆମ ପିଲାବେଳେ ଦଶହରା ସମୟରେ ଘରେ କଳସ ବସେ। କଳସ ବୁଡିବା ଦିନ ଆମ ଦାଣ୍ଡରେ ଢୋଲ ବାଜା ବାଜେ। ମୃଦଙ୍ଗ, ଘଣ୍ଟ, ଶଙ୍ଖ ବାଜେ। ମୋର ମା, ମାଉସୀ, ଭଉଣୀମାନେ ହୁଳହୁଳି ପକାନ୍ତି। ବାଦ୍ୟ ବାଜାର ତାଳେ ତାଳେ ଆମେ ପିଲାମାନେ ନାଚି ନାଚି ଘରପାଖ ଜୋରରୁ କଳସରେ ପାଣି ଆଣୁ, ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରନ୍ତି, ଦାଣ୍ଡ ଘରେ କଳସ ବସେ। ତା' ପାଖରେ ଲେଖନୀ ଥୁଆହୁଏ। ଧୂପ ଦୀପ ନୈବେଦ୍ୟରେ ଆମ ଘର ମହକି ଉଠେ। ଦୂର ବିଦେଶରୁ ବାପା, ସାନବାପା, ଦାଦା ଘରକୁ ଆସନ୍ତି। ଘରେ ଆରିସା, କାକରା ପିଠା ହୁଏ। ଆମେ ନୂଆ ବସ୍ତ୍ର ପିନ୍ଧୁ। ବନ୍ଧୁବାନ୍ଧବଙ୍କ ଆଗମନରେ ଘର ପୂରି ଉଠେ। ପୂଜା ପରେ କଳସ ବିସର୍ଜନ ହୁଏ। ପାଖ ଗାଁରେ ସ୍କ୍ରିନ୍ ଟାଣି ଡ୍ରାମା ହୁଏ। ରାମ ରାଜ୍ୟ, ମହାସମର ଆଦିକୁ ଆମେ ଶରତ ରାତିର କାକରରେ ବସି ଦେଖୁଥିଲୁ। ସେ ମଜା ଥିଲା ନିଆରା। ଆଜି ବି ମୁଁ ସେଇ ଅତୀତକୁ ଝୁରି ହେଉଛି।

**– ରବିନ୍ଦ୍ର ପଟ୍ଟନାୟକ, ସମାଜସେବୀ**




୧




୨



୩



୪



୫



୬



୭



୮



୯



୧ **ଅଜିତ ସୁନା**
କ୍ଲାସ-୭,ନୋଡାଲ ୟୁ.ପି ସ୍କୁଲ, ବିର୍ଜାମ, ବରଗଡ



୨ **ନୀଳକଣ୍ଠ ନାୟକ**
କ୍ଲାସ-୫,ଏଗ୍ରିକଲ୍‌ଚର କଲୋନୀ ପ୍ରାଥମିକ ବିଦ୍ୟାଳୟ,ୟୁନିଟ୍-୮,ଭୁବନେଶ୍ୱର



୩ **ସତ୍ୟମ୍ ଷଡ଼ଙ୍ଗୀ**
କ୍ଲାସ -୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟାଙ୍ଗୀ, କଟକ



୪ **ପ୍ରେକ୍ଷା ପୂର୍ବାଷା ବରାଳ**
କ୍ଲାସ-୬,କେନ୍ଦ୍ରୀୟ ବିଦ୍ୟାଳୟ-୧,ୟୁନିଟ୍-୯,ଭୁବନେଶ୍ୱର



୫ **ଓମ୍ ପ୍ରକାଶ ବାରିକ୍**
କ୍ଲାସ- ୫,ବସନ୍ତପୁର, ମୁର୍ଶିଦାବାଦ୍, ପଶ୍ଚିମବଙ୍ଗ



୬ **ଶ୍ରୀଜିତ୍ ଶ୍ରୀରାଜ୍ ମିଶ୍ର**
କ୍ଲାସ-୧,ସେଣ୍ଟ ଜାଭିୟର୍ସ ସ୍କୁଲ, ପୁରୀ



୭ **ଅଙ୍କିତା ପ୍ରିୟଦର୍ଶିନୀ**
କ୍ଲାସ-୪,କେନ୍ଦ୍ରୀୟ ବିଦ୍ୟାଳୟ-୧, କଟକ



୮ **ସାଇସ୍ୱାତୀ ବେହେରା**
କ୍ଲାସ-୨, ରବୀନ୍ଦ୍ର ବିଦ୍ୟା ନିକେତନ, କେଉଁଝର



୯ **ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ-୫,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଗୋବିନ୍ଦପାଲି, ମାଲକାନ୍‌ଗିରି

## ଆସିଛି ପାର୍ବଣ


**ଭା**ଦ୍ରବର ଶେଷ ଆଶ୍ୱିନ ପ୍ରବେଶ ଶରତର ଆଗମନ
ସୁନିର୍ମଳ ଦିଶେ ଚଉଦିଗ ଏବେ ଉଚ୍ଛନ୍ନ ସଭିଙ୍କ ମନ ।
ଦେବତାମାନଙ୍କ ବରଣ ପାଇଁ କି କାଶତଣ୍ଡୀ ଫୁଲ ଉଭା
ଭେଟି ଦେବ କେତେ ପରବପର୍ବାଣି ସଭିଙ୍କର ମନ ଲୋଭା ।
ତା'ପରେ ଆସିବ ବିଜୟା ଦଶମୀ ମା' ଦୁର୍ଗାଙ୍କର ପୂଜା
ଘଣ୍ଟ, ଖୋଳ, ତାଳେ ମେଦିନୀ କମ୍ପିବ ବିଜେ ହେବେ ଦଶଭୁଜା ।
ପୁରାଣ ଯୁଗରେ ମୋହିନୀ ବେଶରେ ମା' ନାଶିଥିଲେ ମହିଷାସୁର
ଏ କଳିଯୁଗରେ ମାରିବେ କି ଥରେ ପାପୀ ମଣିଷଙ୍କ ବଢ଼ିଲା ଭାର ।
କଳିଯୁଗର ଏ ମହିଷାସୁର ମା' ଭଉଣୀଙ୍କ ଇଜ୍ଜତ ଚୋର
ଏଭଳି ପାପୀଙ୍କୁ କଲେ ବିନାଶ ଯୁଗେ ଯୁଗେ ଯଶ ରହିବ ମା'ର ।
କୁମାରୀଙ୍କ ମନ କେଡ଼େ ଉଚ୍ଛନ୍ନ ପୂର୍ଣ୍ଣମୀର ଚାନ୍ଦ ଦେଖି
କି ସୁନ୍ଦର ଶୋଭା ସରଗଶଶୀ ସେ ସତେ କେଡେ ମନଲାଖି ।
ମା' ଗଜଲକ୍ଷ୍ମୀ ପାଇବେ ପୂଜା ସଭିଙ୍କୁ ଦେବେ ଦର୍ଶନ
ଚଉଦିଗ ସାରା ଆଲୋକମାଳାରେ ଦିଶେ କେଡେ ଶୋଭାବନ ।
ପିଲାଠାରୁ ବୁଢ଼ା ସଭିଙ୍କ ମନରେ ଖୁସିର ଜୁଆର ଆସେ
ଆନନ୍ଦ ମନରେ ଭକ୍ତି ଭାବନାରେ ଏ ମହୀ ମଣ୍ଡଳ ହସେ ।
ଆଶ୍ୱିନ ସରିବ କାର୍ତ୍ତିକ ଆସିବ ମା' କାଳୀ ହେବେ ଉଭା
ପାପୀମାନଙ୍କର ବିନାଶ କରିବେ ଦେଖାଇ ତାଙ୍କ ପ୍ରତିଭା ।
ପିତୃପୁରୁଷଙ୍କୁ ଦେବା ମେଲାଣି ଆଲୋକର ଦୀପ ଜାଳି
ଗର୍ବ, ଅହଂକାର ଜଳେଇ ପାଳିବା ସର୍ବେ ଶୁଭ ଦୀପାବଳି ।
ମାନବ ଜନ୍ମର ପୁଣ୍ୟ ଧରମର ଏ ମହାକାର୍ତ୍ତିକ ମାସ
ଘରେ ଘରେ ଶୁଭେ ଗୀତା, ଭାଗବତ, ଯଜ୍ଞ, ବ୍ରତ ଉପବାସ ।
ଉତ୍କଳ ମାଟିର ଐତିହ୍ୟ ଗୌରବ ସଭିଏଁ ମନେରଖିବା,
ସାଧବ ପୁଅଙ୍କ ବଣିଜ ପାଇଁ ତ ବୋଇତ ବନ୍ଦାଣ କରିବା ।
ଦେବଦେବୀଙ୍କ ପୟରେ ଭକତି ଭାବରେ ରଖିବା ଲୟ
ସାରା ଜୀବନ ଖୁସିରେ ବିତିବ ସର୍ବଦା ହେବ ମଙ୍ଗଳମୟ ।

– **ସଞ୍ଜୟ କୁମାର ଶତପଥୀ,** ପୁରୁଣା କଟକ, ବୌଦ୍ଧ
ମୋ: ୭୯୭୮୦୯୩୦୬

## ତୁହି ମା ମଙ୍ଗଳମୟୀ

**ଆ**ସ ମା' ଦୁର୍ଗେ ଏ ଧରାଧାମକୁ
ଖଳ ବିନାଶନ ପାଇଁ ,
କେମିତି ଏ ଧରା ଅସ୍ଥିର ହୁଅଇ
ସୃଷ୍ଟି ଯାଏ ଧ୍ୱଂସ ହୋଇ ।
କମନୀୟ ଧରା ହସୁଥିଲା ଦିନେ
ତୋହର ପରଶ ପାଇ,
ସେନେହ ମମତା ଝରି ପଡୁଥିଲା
ତୋହରି ଆଶିଷ ନେଇ ।
ମହିଷାସୁରକୁ ବଧିଥିଲୁ ମାତ
ସଂସାର ମଙ୍ଗଳ ପାଇଁ ,
ବିପଦ ଆସିଲେ ଏ ପୃଥିବୀକୁ
ଆସୁ ଅବତାର ନେଇ ।
ଦେ ମାଆ ଶକତି ଦେ ମାଆ ଭକ୍ତି
ତୋ ବିନୁ ଆଉ କେ କାହିଁ ,
ଅସୁର ପ୍ରବୃତ୍ତି ମଣିଷ ମନରୁ
ନାଶ କର ମାତା ତୁହି ।
ସତ୍ୟ ଆଉ ଧର୍ମପଥରେ ସଂସାର
ନିଅ ମାତ ଦୟା ବହି,
ମାଆ ପରା ଜଗତ କଲ୍ୟାଣୀ
ତୁହି ମା ମଙ୍ଗଳମୟୀ ।
ସିଂହବାହିନୀ ମା' ଦଶଭୁଜା
ଶଙ୍କଟ ହାରିଣୀ ତୁହି,
ବିପଦରେ ପଡ଼ି ଡାକୁ ତୋତେ ମାତ
ରକ୍ଷା କର ଏଇ ମହୀ ।

–**ଅରୂପ କୁମାର ବିଶ୍ୱାଳ**
ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟ,
ପାରାଦୀପ, ମୋ: ୯୦୪୦୮୭୦୧୦୦



## ଦଶହରା ଛୁଟି ଆସିଲା

**ଦ**ଶହରା ଛୁଟି ଆସିଲା
ପିଠାପଣା ଖାଲି ବାସିଲା
ମାମୁ ଘର ଗାଁ ବୁଲିଯିବା ଶୁଣି
ଦିପୁନି ଆମର ହସିଲା ।


ବୁଲିବ ଯାତରା ପଡ଼ିଆ
କିଣିବ ସେ ମୁଢ଼ି-ନଡ଼ିଆ
ପାମ୍ପଡ ଖାଇବ, ଚାଟ୍ ଖାଇବ
ଦହିବରା ସ୍ୱାଦ ବଢ଼ିଆ ।


ଦେଖିବ ଆଲୋକ ସଜ୍ଜା
ବାଜୁଥିବ କେତେ ବାଜା
କାନ୍ଧରେ ବସେଇ,କଥାରେ ମଜେଇ
ମେଢ ଦେଖେଇବେ ଅଜା ।

ଚକିରି ଦୋଳିରେ ବସିବ
ଘିରି ଘିରି ହେଇ ବୁଲିବ
ମାମୁ, ମାଇଁଙ୍କର ହାତକୁ ଜାବୁଡ଼ି
ଦିପୁନି ଯାତରା ଦେଖିବ ।

ମା'ଙ୍କର କଥା ମାନିଛି
ପଢ଼ା-ଘର ସଫା ରଖିଛି
ଦଶହରା ମେଢ ବୁଲିବା ଆଗରୁ
ପାଠ-ପଢା ସିଏ ସାରିଛି ।

– **ଦିଲୀପ କୁମାର ତ୍ରିପାଠୀ**
ପର୍ଜଙ୍ଗ, ଢେଙ୍କାନାଳ
ମୋ:୯୭୭୮୧୦୬୧୦୫






## ଏଥରର ପ୍ରଶ୍ନ

- ଦୁର୍ଗାପୂଜା ଅନ୍ୟ କେଉଁ ନାମରେ ମଧ ପାଳନ କରାଯାଏ ?
- ଦଶହରା କେତେ ଦିନ ଧରି ପାଳନ କରାଯାଏ ?
- ପ୍ରଭୁ ଶ୍ରୀରାମ ରାବଣକୁ କେଉଁ ଅସ୍ତ୍ର ଦ୍ୱାରା ବଧ କରିଥିଲେ ?
- ପୁରାଣରେ ଦେବୀ ଦୁର୍ଗାଙ୍କ କେତେଜଣ ପୁତ୍ରୀପୁତ୍ର ଥିବା କଥା ବର୍ଣ୍ଣନା କରାଯାଇଛି ?
- ଦଶହରାରେ ଦେବୀ ଦୁର୍ଗା କେଉଁ ଅସୁରକୁ ବଧ କରିଥିଲେ ?

## ଆରଥରର ଉତ୍ତର


- ଅକ୍ଟୋବର-୨
- ଗୁଜୁରାଟର ପୋର ବନ୍ଦର
- ରାଜଘାଟ, ନୂଆ ଦିଲ୍ଲୀ
- ଗୋପାଳ କୃଷ୍ଣ ଗୋଖଲେ
- ହେ ରାମ



## ଘେନ ଶାରଦୀୟ ପୂଜା

**ଘେ**ନ ଶାରଦୀୟ ପୂଜା ଗୋ ଜନନୀ
ଜୟ ମା ସିଂହବାହିନୀ
ମଙ୍ଗଳ ପ୍ରଭାତେ ତୁମ ଶ୍ରୀ ପୟରେ
ଭକତ କରେ ଦୟିନୀ ।
ତୁମ ଆଗମନେ ଶୁଭେ ଚଉଦିଗେ
ମଙ୍ଗଳ ଶଙ୍ଖ ଧ୍ୱନି
ଭକତ କଣ୍ଠରେ ତୁମରି ବନ୍ଦନା
ଜୟ ଜଗତ ଜନନୀ ।
ବିଘ୍ନ ବିନାଶିନୀ ସିଦ୍ଧି ପ୍ରଦାୟିନୀ
ତୁମେ ସଙ୍କଟ ତାରିଣୀ
ଏ ଧରାରୁ ପାପ ଦୁଃଖ ଦୂର ହେଉ
ଆଶିଷ ଦିଅ ଜନନୀ ।

–**ଅର୍ଚ୍ଚନା କର,** ପ୍ଲଟ ନମ୍ବର ୬୫୬,
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର



# ଆସ ଜାଣିବା

## ସୁଉଚ୍ଚ ଦୁର୍ଗା ମୂର୍ତ୍ତି



**ସିଂ**ହବାହିନୀ ମା' ଦୁର୍ଗାଙ୍କ ଆଗମନ ଅବସରରେ ଗାଁ ଠାରୁ ସହର ଏବେ ଉତ୍ସବ ମୁଖର। ବିଭିନ୍ନ ପୂଜା ପେଣ୍ଡାଲରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ପାଇଁ ସମସ୍ତେ ପ୍ରସ୍ତୁତି ଚଳାଇଛନ୍ତି। ବିଭିନ୍ନ ସଂସ୍ଥା, କ୍ଲବ୍ ତରଫରୁ ସୁନା ଏବଂ ଚାନ୍ଦିମେଢ ନିର୍ମାଣ କରାଯାଉଥିବା ବେଳେ କେହି କେହି ସ୍ୱତନ୍ତ୍ର ଥିମ୍‌କୁ ନେଇ ମୂର୍ତ୍ତି ନିର୍ମାଣ କରିଥାନ୍ତି। ଠିକ ସେହିପରି ଗୁଆହାଟୀ ବିଷ୍ଣୁପୁର ସାର୍ବଜନୀନ ପୂଜା କମିଟି ତରଫରୁ ୨୦୧୭ରେ ୧୦୧ ଫୁଟ ଉଚ୍ଚ ବିଶିଷ୍ଟ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ରେକର୍ଡ କରିବା ଆଶା ନେଇ ପ୍ରସ୍ତୁତ କରାଯାଇଥିବା ଏହି ସୁଉଚ୍ଚ ମୂର୍ତ୍ତିକୁ ନିର୍ମାଣ କରିଥିଲେ ସେଠାକାର ପ୍ରସିଦ୍ଧ ମୂର୍ତ୍ତିକାର ନୁରୁଦ୍ଦିନ ଅହମ୍ମଦ। ୫୦୦୦ ବାଉଁଶରେ ନିର୍ମିତ ଏହି ମୂର୍ତ୍ତିକୁ ନିର୍ମାଣ କରିବା ଲାଗି ଅହମ୍ମଦ ଏବଂ ତାଙ୍କ କାରିଗରଙ୍କୁ ୨ ମାସ ସମୟ ଲାଗିଥିଲା। ଆଉ ଏଥିରେ ଖର୍ଚ୍ଚ ହୋଇଥିଲା ପ୍ରାୟ ୧୫ ଲକ୍ଷ ଟଙ୍କା। ସେହିଭଳି ୨୦୧୫ରେ କୋଲକାତାର ଦେଶପ୍ରିୟ ପାର୍କଠାରେ ୮୮ ଫୁଟ ଉଚ୍ଚତା ବିଶିଷ୍ଟ ସୁଉଚ୍ଚ ଦୁର୍ଗା ମୂର୍ତ୍ତି ନିର୍ମାଣ କରାଯାଇଥିଲା, ଯାହା ନିର୍ମିତ ହୋଇଥିଲା ଫାଇବର ଗ୍ଲାସ ଆଉ ସିମେଣ୍ଟରେ। ମିଣ୍ଟୁ ପଲ ନାମକ ଜଣେ ପ୍ରସିଦ୍ଧ କାରିଗର ଏହି ସୁଉଚ୍ଚ ମୂର୍ତ୍ତି ନିର୍ମାଣ କରି ରେକର୍ଡ ସୃଷ୍ଟି କରିଥିଲେ।

## ଗୋଲ୍ଡ ପ୍ଲେଟେଡ ଦୁର୍ଗାମୂର୍ତ୍ତି



**ଭା**ରତର ବିଭିନ୍ନ ସ୍ଥାନ ମଧ୍ୟରୁ କୋଲକାତାର ଦୁର୍ଗାପୂଜା ଏକ ସ୍ୱତନ୍ତ୍ରତା ବହନ କରେ। ପ୍ରତିବର୍ଷ କିଛି ନୂଆ ଥିମ୍ ଏବଂ ନୂଆ କନ୍‌ସେପ୍ଟକୁ ଏଠାକାର ପୂଜା କମିଟି ନୂଆ କରିବାକୁ ଚେଷ୍ଟା କରିଥାନ୍ତି। ଠିକ ସେହିଭଳି ଚଳିତବର୍ଷ ଉତ୍ତର କୋଲକାତାର ସନ୍ତୋଷ ମିତ୍ର ପୂଜା କମିଟି ଦ୍ୱାରା ୧୩ ଫୁଟ ଉଚ୍ଚ ବିଶିଷ୍ଟ ଏକ ଗୋଲ୍ଡ ପ୍ଲେଟେଡ ଦୁର୍ଗା ମୂର୍ତ୍ତି ନିର୍ମାଣ କରୁଛନ୍ତି। ଏହି ମୂର୍ତ୍ତି ନିର୍ମାଣ କରିବା ଲାଗି ୫୦ କିଲୋ ଓଜନର ସୁନା ବ୍ୟବହୃତ ହୋଇଛି, ଯାହାର ହାରାହାରି ମୂଲ୍ୟ ୨୦କୋଟି ରହିଛି। ତେବେ ଦୁର୍ଗାପୂଜା ସମୟରେ ଏହି ନିଆରା ଦୁର୍ଗା ମୂର୍ତ୍ତିକୁ ଦେଖିବା ଲାଗି ଅନେକ ଲୋକଙ୍କ ସମାଗମ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ବନ୍ଦୋବସ୍ତ କରାଯାଇଛି।

## ଦେଶ ବାହାରେ ସୁଉଚ୍ଚ ଦୁର୍ଗା ମୂର୍ତ୍ତି



**ଭା**ରତରେ ଅନେକ ମଠ, ମନ୍ଦିର, ସ୍ଥାପତ୍ୟ ନିଜର ନିର୍ମାଣ ଶୈଳୀ ଲାଗି ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି। କିଛି ମୂର୍ତ୍ତି ନିଜର କଳାକୃତି ଲାଗି ପ୍ରସିଦ୍ଧି ଲାଭ କରିଥିବା ବେଳେ କିଛି ମୂର୍ତ୍ତି ନିଜର ଉଚ୍ଚତା ଲାଗି। ଭାରତ ଏକ ହିନ୍ଦୁପ୍ରଧାନ ଦେଶ ହୋଇଥିବା ଯୋଗୁଁ ଏଠାରେ ବିଭିନ୍ନ ଦେବଦେବୀଙ୍କ ଭିନ୍ନ ଭିନ୍ନ ପ୍ରତିମୂର୍ତ୍ତିମାନ ଦେଖିବାକୁ ମିଳେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ, ପୃଥିବୀର ସର୍ବବୃହତ୍ ଦୁର୍ଗାଙ୍କ ପ୍ରତିମୂର୍ତ୍ତି ରହିଛି ମରିସସ୍‌ରେ। ଗ୍ରାଣ୍ଡ ବେସିନ୍ ଠାରେ ଅବସ୍ଥିତ ଏହି ସୁଉଚ୍ଚ ଦୁର୍ଗାଙ୍କ ମୂର୍ତ୍ତିର ଉଚ୍ଚତା ୧୦୮ ଫୁଟ। ସମୁଦ୍ର ପତ୍ତନଠାରୁ ୫୫୦ ମିଟର ଉଚ୍ଚତାରେ ଅବସ୍ଥିତ ଏହି ମୂର୍ତ୍ତି ଲୁହା ଏବଂ କଂକ୍ରିଟରେ ନିର୍ମିତ।

## ଓଡ଼ିଶାର ବିଭିନ୍ନ ଶକ୍ତିପୀଠ ଏବଂ ଆରାଧ୍ୟ ଦେବୀ

ବାଣପୁର-------------------------ଭଗବତୀ
ଶ୍ରୀକ୍ଷେତ୍ର----------------------------ବିମଳା
କାକଟପୁର-------------------------ମଙ୍ଗଳା
ଝଙ୍କଡ---------------------------ଶାରଳା
ଯାଜପୁର--------------------------ବିରଜା
ବାଙ୍କୀ----------------------------ଚର୍ଚ୍ଚିକା
ସମ୍ବଲପୁର------------------------ସମଲେଇ
ତାଳଚେର-------------------------ହିଙ୍ଗୁଳା
କୋଣାର୍କ------------------------ରାମଚଣ୍ଡୀ
ଗଞ୍ଜାମ----------------------ତାରାତାରିଣୀ
କଟକ----------------------------ଚଣ୍ଡୀ
ଘଟଗାଁ--------------------------ତାରିଣୀ
ଖୋର୍ଦ୍ଧା------------------------ବରୁଣେଇ
ଭଦ୍ରକ-------------------------ଭଦ୍ରକାଳୀ
ଚିଲିକା-------------------------କାଳିଜାଈ
ଖଲିକୋଟ--------------------- ନାରାୟଣୀ
ନୟାଗଡ--------------------ଦକ୍ଷିଣକାଳୀ
ବଡ଼ମ୍ବା-----------------------ଭଟ୍ଟାରିକା

# ଆଇନା



ସୁହାନା
୮ ବର୍ଷ